# NATIONAL NEWS BULLETIN (ODIA)
## 27th October - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସାଇବର ଠକେଇରୁ ସୁରକ୍ଷିତ ରହିବାପାଇଁ ୩ଟି ଉପାୟ ଆପଣେଇବାକୁ ମନ୍ କୀ ବାତ୍‌ରେ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଭାରତ ଖୁବ୍‌ଶୀଘ୍ର ବିଶ୍ୱର ଦ୍ୱିତୀୟ ମେଟ୍ରୋ ନେଟ୍‌ୱାର୍କ ସ୍ଥାପନ କରିବ; କହିଲେ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ।

- ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ମହାକାଶ ଅର୍ଥନୀତି; କହିଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ।

- ମନରେଗା ଯୋଜନାରେ ଗ୍ରାମୀଣ ଶ୍ରମଦିବସ ହ୍ରାସ ସମ୍ପର୍କିତ ରିପୋର୍ଟକୁ ଖଣ୍ଡନ କଲେ କେନ୍ଦ୍ର ସରକାର ।

ଏବଂ

- ମହିଳା ଏକଦିବସୀୟ କ୍ରିକେଟରେ ଭାରତପାଇଁ ୨୬୦ ରନ୍‌ର ଟାର୍ଗେଟ୍ ଦେଇଛି ନ୍ୟୁଜିଲାଣ୍ଡ ।

## ପି.ଏମ୍. ମନ୍ କୀ ବାତ୍

ସାଇବର ଠକେଇର ମୁକାବିଲା ପାଇଁ ସବୁ ତଦନ୍ତକାରୀ ସଂସ୍ଥା ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ସାଇବର ଠକେଇକୁ ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାକୁ ପ୍ରତିହତ କରିବା ପାଇଁ ୩ଟି ବିଷୟକୁ ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି ।  ସେଗୁଡ଼ିକ ହେଲା ଷ୍ଟପ୍, ଥିଙ୍କ୍, ଟେକ୍ ଆକ୍ସନ । ଅପେକ୍ଷାକର, ଚିନ୍ତାକର ଏବଂ ପଦକ୍ଷେପ ନିଅ, ଏହି ତିନୋଟି ବିଷୟ ସମସ୍ତଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିଜର ବ୍ୟକ୍ତିଗତ ସୂଚନା କାହାକୁ ନଦେବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି । ଯଦି ଆବଶ୍ୟକ ପଡେ ତେବେ ସ୍କ୍ରିନ୍‌ସଟ ନେଇ ବାର୍ତ୍ତାଳାପ ରେକର୍ଡ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜାତୀୟ ସାଇବର ହେଲ୍‌ପ ଲାଇନ୍ ନମ୍ବର ୧୯୩୦କୁ ଡାଏଲ କରି ଏ ସମ୍ପର୍କରେ ସୂଚନା ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍

cybercrime.gov.inର ସାହାଯ୍ୟ ନିଆଯାଇପାରିବ । ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏକ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଲକ୍ଷାଧିକ ସିମ୍ କାର୍ଡ, ମୋବାଇଲ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଇତିମଧ୍ୟରେ ବନ୍ଦ କରାଯାଇ ସାରିଲାଣି । ସାଇବର ଠକେଇ ନେଇ ସଚେତନତା ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ବିଶ୍ୱ ଆନିମେସନ ଦିବସ ଆସନ୍ତାକାଲି ପାଳନ କରାଯାଉଛି । ଆନିମେସନ ଦୁନିଆରେ ଭାରତ ଏକ ନୂତନ ବିପ୍ଳବ ଆଣିବା ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଅହମ୍ମଦାବାଦ - କନ୍‌ଫରେନ୍ସ

କେନ୍ଦ୍ର ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି, ଭାରତ ଖୁବ୍‌ଶୀଘ୍ର ବିଶ୍ୱର ଦ୍ୱିତୀୟ ବୃହତ୍ତମ ମେଟ୍ରୋ ନେଟ୍‌ୱାର୍କ ସ୍ଥାପନ କରିବ । ଗୁଜରାଟର ଗାନ୍ଧିନଗର ମହାତ୍ମା ମନ୍ଦିରରେ ଆୟୋଜିତ ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଲାଲ୍ କହିଛନ୍ତି, ନିରନ୍ତର ଓ ସାଧାରଣ ପରିବହନ

ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ସହରାଞ୍ଚଳ ପରିବହନକୁ ସ୍ଥାୟୀ ଏବଂ ସମନ୍ୱିତ କରିବା ଦିଗରେ ଅନେକଗୁଡ଼ିଏ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି । ସେ କହିଛନ୍ତି, ଗତ ୧୦ ବର୍ଷରେ ଦେଶରେ ୭୨୫ କିଲୋମିଟରରୁ ଅଧିକ ମେଟ୍ରୋ ନେଟ୍‌ୱାର୍କ କାର୍ଯ୍ୟକ୍ଷମ ହୋଇଥିବାବେଳେ ଏବେ ୯୭୪ କିଲୋମିଟର ମେଟ୍ରୋ ନେଟ୍‌ୱାର୍କ ନିର୍ମାଣାଧୀନ ରହିଛି । ମନ୍ତ୍ରୀ ଶ୍ରୀ ଲାଲ୍ କହିଛନ୍ତି, ନିରନ୍ତର, ସୁଲଭ ଏବଂ ସାର୍ବଜନୀନ ପରିବହନ ସୁନିଶ୍ଚିତ କରିବାପାଇଁ ଏବଂ ସହରଗୁଡ଼ିକୁ ବାସୋପଯୋଗୀ କରିବାପାଇଁ ପ୍ରଯୁକ୍ତି ବିଦ୍ୟା, ଉଦ୍ଭାବନ, ସବୁଜ ଜ୍ଞାନକୌଶଳ ବ୍ୟବହାର ଏବଂ ସରକାରୀ-ଘରୋଇ ଭାଗିଦାରିତା ଜରୁରୀ ।

ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ପରିବହନରେ ୯ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି । କୋଚି ମେଟ୍ରୋ ରେଳଷ୍ଟେସନକୁ ସ୍ଥାୟୀ ପରିବହନ ବ୍ୟବସ୍ଥା ଦିଆଯାଇଥିବାବେଳେ ଭୁବନେଶ୍ୱରକୁ ଶ୍ରେଷ୍ଠ ସାର୍ବଜନୀନ ପରିବହନ ଏବଂ ସୁରତ୍‌କୁ ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ପୁରସ୍କାର ପ୍ରଦାନ କରାଯାଇଛି ।

## ମୁମ୍ବାଇ - ଷ୍ଟାମ୍ପେଡ୍ ଇନ୍‌ସିଡେଣ୍ଟ

ମୁମ୍ବାଇର ବାନ୍ଦ୍ରା ରେଳ ଟର୍ମିନସ୍‌ଠାରେ ଆଜି ସକାଳେ ଧାଁଦୌଡ଼ ଯୋଗୁଁ ୯ ଜଣ ଯାତ୍ରୀ ଆହତ ହୋଇଛନ୍ତି । ୧ ନମ୍ବର ପ୍ଲାଟଫର୍ମରେ ଅତ୍ୟଧିକ

ଗହଳି ଯୋଗୁଁ ଏହି ଘଟଣା ଘଟିଛି । ଆହତମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି ।

## ଜିତେନ୍ଦ୍ର - ସ୍ପେସ୍

ଭାରତର ମହାକାଶ ଅର୍ଥନୀତି ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଏକ ଘରୋଇ ଗଣମାଧ୍ୟମ ସହ ସାକ୍ଷାତ୍‌କାରରେ ଡକ୍ଟର ସିଂହ କହିଛନ୍ତି, ସରକାର ମହାକାଶ କ୍ଷେତ୍ରପାଇଁ ଏକ ହଜାର କୋଟି ଟଙ୍କାର 'ଭେଞ୍ଚର୍ କ୍ୟାପିଟାଲ୍ ଫଣ୍ଡ' ଆରମ୍ଭ କରିଛନ୍ତି ଏବଂ ଜୈବ ଅର୍ଥନୀତି ସୃଷ୍ଟି ଉଦ୍ଦେଶ୍ୟରେ Bio-E3 ନୀତି ପ୍ରଣୟନ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ତୃତୀୟ ପାଳିର ପ୍ରଥମ ୧୦୦ ଦିନରେ ବିଶ୍ୱ ଉଦ୍ଭାବନ କ୍ଷେତ୍ରରେ ଭାରତର ଭୂମିକାକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି । ଏହି ପଦକ୍ଷେପ ଏକ ସ୍ଥାୟୀ ଓ ଆତ୍ମନିର୍ଭରଶୀଳ ଅର୍ଥନୀତିକୁ ପ୍ରୋତ୍ସାହିତ କରୁଛି, ଯାହା ଶିଳ୍ପ ଏବଂ ସମ୍ବଳ କ୍ଷେତ୍ରରେ ବିଶ୍ୱସ୍ତରୀୟ ପରିବର୍ତ୍ତନକୁ ପ୍ରତିହତ କରିପାରିବ ବୋଲି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି ।

## ଗଭ୍ - ମନରେଗା

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଗ୍ରାମୀଣ ଶ୍ରମଦିବସ ୧୬ ପ୍ରତିଶତ ହ୍ରାସ ସମ୍ପର୍କିତ ରିପୋର୍ଟକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ କହିଛି, ମନରେଗା ଯୋଜନା ଏକ ଚାହିଦାଭିତ୍ତିକ ଯୋଜନା ଏବଂ ଚଳିତ ଆର୍ଥିକ ବର୍ଷର କାର୍ଯ୍ୟଖସଡ଼ା ଜାରି ରହିଛି । ତେଣୁ କେତେ ଜଣ ଏହି ଯୋଜନାରେ କାମ ପାଇଛନ୍ତି, ତାହାର ସଠିକ୍ ସଂଖ୍ୟା ଏବେଠାରୁ ସ୍ଥିର କରିବା ସମ୍ଭବ ନୁହେଁ । ମନ୍ତ୍ରଣାଳୟ କହିଛି, ୨୦୧୪-୧୫ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ୨ ହଜାର ୯୨୩ କୋଟି ଶ୍ରମଦିବସ ସୃଷ୍ଟି କରାଯାଇଛି । ତାହା ତୁଳନାରେ ୨୦୦୬-୦୭ରୁ ୨୦୧୩-୧୪ ମଧ୍ୟରେ କେବଳ ୧ ହଜାର ୬୦୦ କୋଟି ଶ୍ରମଦିବସ ସୃଷ୍ଟି କରାଯାଇଥିଲା । ମନ୍ତ୍ରଣାଳୟ କହିଛି, ମନରେଗା ଯୋଜନାର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ପରିବାରଗୁଡ଼ିକର ଜୀବିକା ନିରାପତ୍ତା ବୃଦ୍ଧି କରିବା ।

ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି, ପ୍ରାୟ ୧୩ କୋଟି ସକ୍ରିୟ ମନରେଗା ଶ୍ରମିକଙ୍କ ଆଧାର ସଂଯୋଗୀକରଣ ଶେଷ ହୋଇଛି, ଯାହା ମୋଟ୍ ଶ୍ରମିକଙ୍କ ତୁଳନାରେ ୯୯ ଦଶମିକ ୩ ପ୍ରତିଶତ ଅଟେ । ଚଳିତ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୮୬ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ମହା - ନୋମିନେସନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ତାରିଖ ପାଖେଇ ଆସୁଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀମାନଙ୍କ ନାମ ଚୂଡ଼ାନ୍ତ କରାଯାଉଛି । ଗତକାଲି ମହାବିକାଶ ଅଘାଡ଼ି ମେଣ୍ଟର ଦଳଗୁଡ଼ିକ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । କଂଗ୍ରେସ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୨୩ ଜଣଙ୍କ ନାମ ଘୋଷଣା କରିଥିବାବେଳେ ତୃତୀୟ ପର୍ଯ୍ୟାୟରେ ୧୬ ଜଣଙ୍କ ନାମ ଘୋଷଣା କରିଛି । ବି.ଜେ.ପି. ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ୨୨ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛି । ମହାରାଷ୍ଟ୍ର ନବନିର୍ମାଣ ସେନା ଗତକାଲି ପଞ୍ଚମ ପ୍ରାର୍ଥୀ ତାଲିକାରେ ୧୫ ଜଣଙ୍କ ନାମ ଘୋଷଣା କରିଛି । ଶରଦ୍ ପାୱାର ନେତୃତ୍ୱାଧୀନ ଏନ୍.ସି.ପି. ଏପର୍ଯ୍ୟନ୍ତ ସତଷଠି ଜଣଙ୍କ ନାମ ଘୋଷଣା କରିଥିବାବେଳେ ଶିବସେନା ୟୁ.ବି.ଟି. ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଜଣଙ୍କ ନାମ ସହ ସାମାଜିକ ଗଣମାଧ୍ୟମରେ ୩ ଜଣଙ୍କ ନାମ ଘୋଷଣା କରିଛି । ଏ ପର୍ଯ୍ୟନ୍ତ ୯୯୧ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ଲାଗି ଆସନ୍ତାମାସ ୨୦ ତାରିଖରେ ଗୋଟିଏ ପର୍ଯ୍ୟାୟରେ

ମତଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା ହେବ ।

## ପି.ଏମ୍. - ଗିଫ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାଜାନ୍‌ରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ ଝାଡ଼ଖଣ୍ଡର କଳାକୃତି ଉପହାର ଦେଇଥିଲେ । ଝାଡ଼ଖଣ୍ଡର ହଜାରିବାଗ୍ ଜିଲ୍ଲାର ସୋହରାଇ ଚିତ୍ର, ସେଠାକାର ସ୍ୱଦେଶୀ କଳା ପରମ୍ପରାର ଏକ ସୁନ୍ଦର ନମୁନା । ସୋହରାଇ କଳାକୃତିକୁ 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ' ଅଧୀନରେ ଚିହ୍ନଟ କରାଯାଇଛି ।  ଏହି କଳାକୃତି ପ୍ରସ୍ତୁତ କରିବା କ୍ଷେତ୍ରରେ ପ୍ରାକୃତିକ ରଙ୍ଗ ଏବଂହ ସରଳ ଉପକରଣ ବ୍ୟବହାର କରାଯାଇଛି । କଳାକାରମାନେ ଏଭଳି କଳାକୃତି ପ୍ରସ୍ତୁତ କରିବା ସମୟରେ ଚାଉଳ, ନଡ଼ା ଏବଂ ଅନ୍ୟାନ୍ୟ ସାମଗ୍ରୀରୁ ପ୍ରସ୍ତୁତ ବ୍ରସ୍ ବ୍ୟବହାର କରିଥା'ନ୍ତି । ଚିତ୍ରକଳାଗୁଡ଼ିକରେ ପକ୍ଷୀ, ପଶୁ ଏବଂ ପ୍ରକୃତିର ଚିତ୍ରଣ ଅତି ନିଖୁଣ ଭାବେ ଆଦିବାସୀ ସଂସ୍କୃତିର କୃଷି ଜୀବନ ଶୈଳୀ ଏବଂ ପଶୁପକ୍ଷୀମାନଙ୍କ ପ୍ରତି ଶ୍ରଦ୍ଧା ପ୍ରତିଫଳିତ ହୋଇଥାଏ ।

ବ୍ରିକ୍ସ ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇରାନ୍ ଏବଂ ଉଜ୍‌ବେକିସ୍ତାନର ନେତାମାନଙ୍କୁ ମହାରାଷ୍ଟ୍ରର ଉତ୍କୃଷ୍ଟ କଳାକୃତି ଉପହାର

ଦେଇଥିଲେ । ଇରାନ୍ ରାଷ୍ଟ୍ରପତିଙ୍କୁ ଶ୍ରୀ ମୋଦି ସାମୁଦ୍ରିକ ଶାମୁକାରୁ ମିଳୁଥିବା ମୁକ୍ତାରେ ତିଆରି ମା'ର କୃତି ଉପହାର ଦେଇଥିଲେ । ଏଭଳି କୃତି ମହାରାଷ୍ଟ୍ରର କାରିଗରମାନେ ପ୍ରସ୍ତୁତ କରିଥା'ନ୍ତି । ଫୁଲଦାନୀ ଏବଂ ସେହିଭଳି ଆକୃତିର ନିର୍ମାଣ କ୍ଷେତ୍ରରେ ସମୁଦ୍ରରୁ ମିଳୁଥିବା ଶାମୁକା ଏବଂ ଅନ୍ୟାନ୍ୟ ଜିନିଷ ବ୍ୟବହାର କରାଯାଇଥାଏ ।

ସେହିପରି ଉଜ୍‌ବେକିସ୍ତାନ ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମହରାଷ୍ଟ୍ରର ୱର୍ଲି କଳାକୃତି ଉପହାର ଦେଇଥିଲେ । ମହାରାଷ୍ଟ୍ରର ପାଲ୍‌ଘର, ତଲସାରି ଏବଂ ଦହାନୁ'ର ୱର୍ଲି ଜନଜାତି ଏହି ପ୍ରକାର କଳାକୃତି ପ୍ରସ୍ତୁତ କରିଥା'ନ୍ତି । ପ୍ରକୃତି ଏବଂ ଦୈନନ୍ଦିନ ଜୀବନ ମଧ୍ୟରେ ଏହି କଳାକୃତି ଏକ ସୁନ୍ଦର ସଂଯୋଗ ସ୍ଥାପନ କରିଥାଏ । ଭାରତର ସବୁଠାରୁ ପୁରାତନ ଜନଜାତି ଭାବରେ ୱର୍ଲି ସମ୍ପ୍ରଦାୟର ଆଦିବାସୀମାନେ ୩ ହଜାର ବର୍ଷ ପୂର୍ବର ବୋଲି ଜଣାପଡ଼ିଛି । ପାରମ୍ପରିକ ସମୟରେ ୱର୍ଲି ମହିଳାମାନେ ବିଭାଘର ଏବଂ ଅମଳ ଋତୁରେ ଅନୁଷ୍ଠିତ ପର୍ବରେ ମାଟିକାନ୍ଥରେ ଏହି କଳାକୃତି ଆଙ୍କିଥା'ନ୍ତି । ଏଥିରେ ସେମାନଙ୍କ ଜୀବନଶୈଳୀ, ପ୍ରଥା ଏବଂ ରୀତିନୀତି ପ୍ରକାଶିତ ହୋଇଥାଏ ।

## ଇସ୍ରାଏଲ୍ ଟ୍ରକ୍ କ୍ରାସ୍

ଇସ୍ରାଏଲ୍‌ର ତେଲ ଆବିଭ'ର ଉତ୍ତରରେ ଥିବା ଗିଲିଅଟ୍ ଇଣ୍ଟରଚେଞ୍ଜ୍‌ଠାରେ ଏକ ଟ୍ରକ୍ ବସ୍‌କୁ ଧକ୍କା ଦେବାରୁ ଅନେକ ଲୋକ ଆହତ

ହୋଇଛନ୍ତି । ଇସ୍ରାଏଲ୍‌ର ଜରୁରୀକାଳୀନ ସେବା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ ପ୍ରାୟ ୪୦ ଜଣ ଲୋକ ଚାପି ହୋଇ ଭିତରେ ରହିଯାଇଥିବା ଅନୁମାନ କରାଯାଉଛି । ୧୬ ଜଣ ଆହତଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଇସ୍ରାଏଲ୍ ପକ୍ଷରୁ ଏହି ଘଟଣାକୁ ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି ସନ୍ଦେହ କରାଯାଉଛି । ସେଠାକାର ପୁଲିସ୍ ଘଟଣାର ତଦନ୍ତ କରୁଛି ।

## ୱିମେନ୍ କ୍ରିକେଟ୍

ଅହମ୍ମଦାବାଦରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଏକଦିବସୀୟ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨ ଶହ ଅଣଷଠି ରନ୍ କରିଛି । ୨୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୪ ଓଭର୍ ୩ଟି ବଲ୍‌ରେ ୬ ୱିକେଟ୍ ହରାଇ ୧୦୦ ରନ୍ କରିଛି ।

ଏହି ତିନିଟିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ ଅଣଷଠି ରନ୍‌ରେ ବିଜୟୀ ହୋଇଥିଲା ।

# ଜାପାନ - ପାରା ବ୍ୟାଡ୍‌ମିଣ୍ଟନ୍

ଆନ୍ତର୍ଜାତିକ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ୨୦୨୪ରେ ଭାରତର ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସୁକାନ୍ତ କଦମ୍ ଏକକ ପର୍ଯ୍ୟାୟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଡବଲ୍‌ସ୍‌ରେ ସୁକାନ୍ତ, ଦୀନେଶ ରଜୈୟାଙ୍କ ସହ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଏକକ ପର୍ଯ୍ୟାୟ ଫାଇନାଲ୍‌ରେ ସୁକାନ୍ତ ଅନ୍ୟ ଭାରତୀୟ ଖେଳାଳି ତରୁଣଙ୍କୁ ୨୧-୧୨ ଓ ୨୧-୧୦ ସେଟ୍‌ରେ ପରାସ୍ତ କରିଥିଲେ । ସେହିପରି ଡବଲ୍‌ସ୍‌ରେ ସୁକାନ୍ତ ଏବଂ ଦୀନେଶ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାର ଏବଂ ସୂର୍ଯ୍ୟକାନ୍ତ ଯାଦବଙ୍କୁ ତୃତୀୟ ସେଟ୍‌ରେ ପରାସ୍ତ କରି ରୌପ୍ୟ ପଦକ ହାସଲ କରିଥିଲେ ।

*****